ରାଶିଦା ହାରୁନ୍ କୁପୁରାଡ଼େ

ବନାମ

ଖଣ୍ଡ ପରିଚାଳକ, ଓରିଏଣ୍ଟାଲ ବୀମା  କମ୍ପାନୀ ଲିମିଟେଡ଼ ଏବଂ ଅନ୍ୟମାନେ

(ଦେୱାନୀ ଆବେଦନ ସଂଖ୍ୟା 1638/210)

ଫେବୃଆରୀ 8,2010

**[ଆଲତାମାସ୍  କବିର୍ ଏବଂ ସିରିଆକ୍ ଜୋସେଫ୍, ନ୍ୟାୟମୁର୍ତ୍ତିଦ୍ୱୟ]**

*କର୍ମଚାରୀମାନଙ୍କ କ୍ଷତିପୂରଣ ଅଧିନିୟମ, 1923:*

*ଧାରା 3 - ଯାନ ବାହାନ ଜନିତ ଦୁର୍ଘଟଣା - ଛଅ ମାସ ପରେ ପୀଡ଼ିତଙ୍କ ମୃତ୍ୟୁ -  କର୍ମଚାରୀ କ୍ଷତିପୂରଣ ଆୟୁକ୍ତଙ୍କ ଦ୍ୱାରା ଏହା ଅଧିନିର୍ଣ୍ଣୟ ପାରିତ କରାଗଲା ଯେ ବୀମାକର୍ତ୍ତା କ୍ଷତି ପୂରଣ ଦେବାକୁ ଦାୟୀ ,  କିନ୍ତୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏହା ଧରିନିଆଯାଇ ଉକ୍ତ ଅଧିନିର୍ଣ୍ଣୟକୁ ରଦ୍ଦ କରିଦିଆଗଲା ଯେ ଏଠାରେ ବୀମାକର୍ତ୍ତା ନୁହେଁ ବରଂ ନିଯୁକ୍ତି ଦାତା କ୍ଷତିପୂରଣ ଦେବାକୁ ଦାୟୀ - ରାୟ ଦିଆଗଲା ଯେ :  ଉଚ୍ଚ ନ୍ୟାୟାଳୟ ଏହା ଧରି ନେବାରେ  ଏକ ତ୍ରୁଟି କରିଛନ୍ତି ଯେ ଦୁର୍ଘଟଣା ଏବଂ ଶ୍ରମିକଙ୍କ ମୃତ୍ୟୁ ସହିତ କୌଣସି ସମ୍ପର୍କ ନଥିବା ସତ୍ତ୍ୱେ, ତଥାପି ଅଧିନିୟମର ପ୍ରାବଧାନ ଗୁଡିକ ଅନୁଯାୟୀ ଉକ୍ତ ଯାନର ମାଲିକ କ୍ଷତିପୂରଣ ଦେବାକୁ ଉତ୍ତରଦାୟୀ - ଧାରା 3 କୁ ଦୃଷ୍ଟିରେ ରଖି , କ୍ଷତିପୂରଣ ସେହି କ୍ଷେତ୍ରରେ ନିଯୁକ୍ତି ଦାତାଙ୍କ ଦ୍ୱାରା ପ୍ରଦାନ କରାଯିବ , ଯେଉଁଠାରେ କର୍ମଚାରୀ ତାଙ୍କ କାର୍ଯ୍ୟକ୍ଷେତ୍ରରେ ନିୟୋଜିତ ଥିବା ବେଳେ ଦୁର୍ଘଟଣା ଘଟି ଆଘାତ ପ୍ରାପ୍ତ ହୋଇଥିବ - ଧାରା 3 ର ପ୍ରାବଧାନଗୁଡିକୁ ଲାଗୁ କରିବା ପାଇଁ ଏକ ଦୁର୍ଘଟଣା ଘଟିବା ଆବଶ୍ୟକ ଏବଂ ଏପରି ଦୁର୍ଘଟଣା, କର୍ମଚାରୀ ତାଙ୍କ କାର୍ଯ୍ୟକ୍ଷେତ୍ରରେ ନିୟୋଜିତ ଥିବା ବେଳେ ଘଟିବା ଆବଶ୍ୟକ - ବର୍ତ୍ତମାନର ମାମଲାରେ ଦୁର୍ଘଟଣା ଏବଂ ଶ୍ରମିକଙ୍କ ମୃତ୍ୟୁ ମଧ୍ୟରେ କୌଣସି ସମ୍ପର୍କ ନାହିଁ କାରଣ ଦୁର୍ଘଟଣା ତାଙ୍କ ମୃତ୍ୟୁର ଛଅ ମାସ ପୂର୍ବରୁ ଘଟିଥିଲା ।  ଏଭଳି ପରିସ୍ଥିତିରେ, ନିଯୁକ୍ତିଦାତାଙ୍କ ସମ୍ବନ୍ଧରେ ଅନୁଧ୍ୟାନ ଯେ ପର୍ଯ୍ୟନ୍ତ ଜଡ଼ିତ ସେହି ପରିସ୍ଥିତିରେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ରଦ୍ଦ କରିଦିଆଗଲା - ବୀମା-ବୀମାକର୍ତ୍ତାଙ୍କର ଦାୟିତ୍ୱ ।*

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 1638/2010

MFA ସଂଖ୍ୟା 3340/2004 (WC) ରେ ବାଙ୍ଗାଲୋର ସ୍ଥିତ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କର ତାରିଖ 4.8.2005 ର ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀଙ୍କ ତରଫରୁ ଆର୍. ଏସ୍. ହେଗଡ଼େ , ଚନ୍ଦ୍ର ପ୍ରକାଶ, ରାହୁଲ ତ୍ୟାଗୀ, ଜେ. କେ. ନାୟାର, ଅଶ୍ୱିନୀ ଗର୍ଗ, କୋମଲ କିଶୋର ଆର୍. ଯୋଶୀ, ପି. ପି. ସିଂହ ।

ଉତ୍ତରଦାତାମାନଙ୍କ ତରଫରୁ ରମେଶ ଚନ୍ଦ୍ର ମିଶ୍ର, ଡକ୍ଟର ମୀରା ଅଗ୍ରୱାଲ

ନ୍ୟାୟାଳୟର ଆଦେଶ ପ୍ରଦାନ କରାଗଲା

**ଆଦେଶ**

1. ବିଳମ୍ବକୁ କ୍ଷମା କରାଗଲା ।

2. ଅନୁମତି ପ୍ରଦାନ କରାଗଲା ।

3. ଉତ୍ତରଦାତା ସଂଖ୍ୟା 2 ରୁ 5 ଙ୍କୁ ସୂଚନା ଦିଆଯାଇଥିବା ସତ୍ତ୍ୱେ, ଯେତେବେଳେ ଏହାକୁ ବିଚାର ପାଇଁ ନିଆଯାଇଛି ସେମାନଙ୍କ ମଧ୍ୟରୁ କେହି ବି ଆବେଦନକୁ ବିରୋଧ କରିବାକୁ ହାଜର ହେବାକୁ ଇଚ୍ଛା ପ୍ରକାଶ କରିନାହାଁନ୍ତି । ତେବେ, ବିଦ୍ୱାନ ପରାମର୍ଶଦାତା ଉତ୍ତରଦାତା ସଂଖ୍ୟା 1 / ବୀମା କମ୍ପାନୀ ତରଫରୁ ଉପସ୍ଥିତି ହୋଇଛନ୍ତି ।

4. କର୍ମଚାରୀମାନଙ୍କ କ୍ଷତିପୂରଣ ଅଧିନିୟମ 1923, (ଏହା ପରେ 'ଅଧିନିୟମ' ଭାବରେ ସୂଚିତ) ଅନୁଯାୟୀ ମାମଲା ସଂଖ୍ୟା WCA/FSR/ 1/03 ରେ ବେଲଗାମ ସ୍ଥିତ ଉପ-ଖଣ୍ଡ - I ର କର୍ମଚାରୀମାନଙ୍କ କ୍ଷତିପୂରଣ ଆୟୁକ୍ତଙ୍କ ଦ୍ୱାରା ତାରିଖ 31st December, 2003 ରେ ପାରିତ ଆଦେଶକୁ ରଦ୍ଦ କରିବା ନିମିତ୍ତ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ବିବିଧ ପ୍ରଥମ ଆବେଦନ ସଂଖ୍ୟା 3340/2004 ରେ ପାରିତ ଆଦେଶ ବିରୁଦ୍ଧରେ ଏହି ଆବେଦନଟି ନିର୍ଦ୍ଦେଶିତ ହୋଇଛି । ଉକ୍ତ ରାୟ ଦ୍ୱାରା କର୍ମଚାରୀମାନଙ୍କ କ୍ଷତିପୂରଣ ଆୟୁକ୍ତଙ୍କ ଦ୍ୱାରା ଅଧିନିର୍ଣ୍ଣୟ ହୋଇଥିବା କ୍ଷତିପୂରଣକୁ ଆପତ୍ତି କରି ବୀମା କମ୍ପାନୀଙ୍କର ଏହି ଆବେଦନ ଆଂଶିକ ଭାବେ ମଞ୍ଜୁରି ଦିଆଗଲା ଯେଉଁଥିରେ କାରଣ ଦର୍ଶଗଲା ଯେ ଯେହେତୁ ମୃତ କର୍ମଚାରୀ ହୃଦଘାତ ଭଳି ପ୍ରାକୃତିକ କାରଣରୁ ମୃତ୍ୟୁ ବରଣ କଲେ , ତେଣୁ ଏଠାରେ ବୀମା କମ୍ପାନୀ ଙ୍କ ଉପରେ ଉକ୍ତ ଅଧିନିର୍ଣ୍ଣୟ ଅନୁଯାୟୀ ଦେୟ ପ୍ରଦାନ କରିବାର ଦାୟିତ୍ୱ ନ୍ୟସ୍ତ କରାଯାଇ ପାରିବ ନାହିଁ କାରଣ କର୍ମଚାରୀଙ୍କ ମୃତ୍ୟୁ ଏବଂ ଦୁର୍ଘଟଣା

ମଧ୍ୟରେ କୌଣସି ସମ୍ପର୍କ ନଥିଲା, ଯାହା ତାଙ୍କ ମୃତ୍ୟୁର ପ୍ରାୟ ଛଅ ମାସ ପୂର୍ବରୁ ଘଟିଥିଲା । ତେବେ, ଆବେଦନଟିର ଫଏସଲା କରିବା ସମୟରେ, ଉଚ୍ଚ ନ୍ୟାୟାଳୟ ଅନୁଧାନ କରିଥିଲେ ଯେ କହିବାକୁ ଗଲେ ନିଯୁକ୍ତିଦାତାଙ୍କ ସମ୍ପର୍କ ଏବଂ ବିବାଦକୁ ଦୃଷ୍ଟିରେ ରଖି  ଏବଂ  କାର୍ଯ୍ୟରେ ନିୟୋଜିତ ଥିବା ସମୟରେ ଯଦି ମୃତ୍ୟୁ ଘଟିଥାନ୍ତା, ତେବେ ଏହାର ଦାୟିତ୍ୱ ବୀମା କମ୍ପାନୀ ଉପରେ ନୁହେଁ ବରଂ ନିଯୁକ୍ତିଦାତାଙ୍କ ଉପରେ ନ୍ୟସ୍ତ କରାଯାଇଥାନ୍ତା । ତେଣୁ ଯାନ ମାଲିକଙ୍କଠାରୁ କ୍ଷତିପୂରଣ ରାଶି ଆଦାୟ କରିବା ପାଇଁ ଦାବିଦାରମାନଙ୍କୁ ଅନୁମତି ଦିଆଯାଇଥିଲା । ଉକ୍ତ ଅନୁଧ୍ୟାନ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ବିରୁଦ୍ଧରେ ଯାନର ମାଲିକଙ୍କ ଦ୍ୱାରା ଏହି ଆବେଦନ ଦାଖଲ କରାଯାଇଛି ।

5. ଆବେଦନକାରୀ/ଯାନ ମାଲିକଙ୍କ ତରଫରୁ ଏହା ଦାଖଲ କରାଯାଇଛି ଯେ ଅଧିନିୟମର ଧାରା 3 ର ପ୍ରାବଧାନଗୁଡ଼ିକୁ ଉଚ୍ଚ ନ୍ୟାୟାଳୟ ଭୁଲ ଭାବରେ ବ୍ୟାଖ୍ୟା କରିଛନ୍ତି ଯେ  କର୍ମଚାରୀଙ୍କ ମୃତ୍ୟୁର ଦାୟିତ୍ୱ ଯାନ ମାଲିକ ବହନ କରିବେ ଏହାର ପ୍ରଶ୍ନରେ ଥିବା ଦୁର୍ଘଟଣା ସହିତ କୌଣସି ସମ୍ପର୍କ ନଥିଲା । ଶ୍ରୀ ହେଗଡ଼େଙ୍କ ଦ୍ୱାରା ଏହା ଉପସ୍ଥାପିତ କରାଯାଇଛି ଯେ କ୍ଷତିପୂରଣ ପାଇଁ ନିଯୁକ୍ତିଦାତାଙ୍କ ଦାୟିତ୍ୱ ନିର୍ଦ୍ଧାରଣ କରୁଥିବା ଧାରା 3, ଉପଧାରା (1) ରେ ସୂଚିତ କରେ ଯେ ଯଦି ଜଣେ କର୍ମଚାରୀ ତାଙ୍କ କାର୍ଯ୍ୟକ୍ଷେତ୍ରରେ ନିୟୋଜିତ ଥିବା ବେଳେ ଦୁର୍ଘଟଣା ଘଟି ସେ ବ୍ୟକ୍ତିଗତ ଭାବେ ଆଘାତ ହୁଅନ୍ତି , ତେବେ ତାଙ୍କ ନିଯୁକ୍ତିଦାତା ଦ୍ୱିତୀୟ ଅଧ୍ୟାୟର ପ୍ରାବଧାନ ଯାହା ଶ୍ରମିକଙ୍କ କ୍ଷତିପୂରଣ ସହିତ ଜଡିତ ତାହା ଅନୁଯାୟୀ କ୍ଷତିପୂରଣ ଦେବାକୁ ଦାୟୀ ହେବେ ।  ଯେ ପର୍ଯ୍ୟନ୍ତ ଯାନ ମାଲିକ ଜଡ଼ିତ, ସେହି କ୍ଷେତ୍ରରେ ଧାରା 3 ର ପ୍ରାବଧାନଗୁଡ଼ିକୁ ଲାଗୁ କରିବା ପାଇଁ ଦୁର୍ଘଟଣା ଏବଂ କର୍ମଚାରୀଙ୍କ ମୃତ୍ୟୁ ମଧ୍ୟରେ କିଛି  ସମ୍ପର୍କ ରହିବା ଆବଶ୍ୟକ ବୋଲି ଏହି ପ୍ରାବଧାନରେ କିଛି ବ୍ୟତିକ୍ରମ ରଖାଯାଇଛି ।

6. ଉତ୍ତରଦାତା/ବୀମା କମ୍ପାନୀ ତରଫରୁ ଏହା ଦୋହରାଇବାକୁ ଅନୁରୋଧ କରାଯାଇଛି ଯେ ଯେହେତୁ ଦୁର୍ଘଟଣା ଏବଂ କର୍ମଚାରୀଙ୍କ ମୃତ୍ୟୁ ମଧ୍ୟରେ କୌଣସି ସମ୍ପର୍କ ନଥିଲା, ଉଚ୍ଚ ନ୍ୟାୟାଳୟ  ସଠିକ୍ ଭାବରେ ଧରି ନେଇଥିଲେ ଯେ ଅଧିନିର୍ଣ୍ଣୟ  ଅଧୀନରେ ଦେୟ ପ୍ରଦାନର ଦାୟିତ୍ୱ ବୀମା କମ୍ପାନୀ ସହିତ ନଥିଲା ।

7. ସମ୍ପୃକ୍ତ ପକ୍ଷମାନଙ୍କ ତରଫରୁ କରାଯାଇଥିବା ଉପସ୍ଥାପନା ଗୁଡିକଉପରେ ବିଚାର କରିବା ପରେ, ଆମେ ଆବେଦନକାରୀଙ୍କ ତରଫରୁ କରାଯାଇଥିବା ଉପସ୍ଥାପନା  ସହିତ ସହମତ ହେବାକୁ ଆଗ୍ରହୀ ଯେ ଉଚ୍ଚ ନ୍ୟାୟାଳୟ ଏହା ଧରି ନେବାରେ ଏକ ତ୍ରୁଟି କରିଛନ୍ତି ଯେ ଦୁର୍ଘଟଣା

ଏବଂ କର୍ମଚାରୀଙ୍କ ମୃତ୍ୟୁ ସହିତ କୌଣସି ସମ୍ପର୍କ ନଥିବା ସତ୍ତ୍ୱେ, ଉକ୍ତ ଯାନର ମାଲିକ ତଥାପି ଅଧିନିୟମର ପ୍ରାବଧାନଗୁଡିକ ଅନୁଯାୟୀ କ୍ଷତିପୂରଣ ଦେବାକୁ ଦାୟୀ ଥିଲେ ।

8. ପକ୍ଷମାନଙ୍କ ତରଫରୁ କରାଯାଇଥିବା ଉପସ୍ଥାପନାକୁ ଭଲ ଭାବରେ ତର୍ଜମା କରିବା ପାଇଁ, ଉପରୋକ୍ତ ଅଧିନିୟମ ର ଧାରା 3 (1) ନିମ୍ନରେ ଉଦ୍ଧୃତ ହୋଇଛି : -

"3.କ୍ଷତିପୂରଣ ପାଇଁ ନିଯୁକ୍ତିଦାତାଙ୍କ ଦାୟିତ୍ୱ - ( 1ଏହି ଅଧ୍ୟାୟର ପ୍ରାବଧାନ ଅନୁଯାୟୀ ଯଦି ଜଣେ କର୍ମଚାରୀ ତାଙ୍କ କାର୍ଯ୍ୟକ୍ଷେତ୍ରରେ ନିୟୋଜିତ ଥିବା ବେଳେ ଦୁର୍ଘଟଣା ଘଟିଥିବ , ତେବେ ସେହି କ୍ଷେତ୍ରରେ ତାଙ୍କ ନିଯୁକ୍ତିଦାତା କ୍ଷତିପୂରଣ ଦେବାକୁ ଦାୟୀ ରହିବେ) ...... :"

9. ଉପରୋକ୍ତ ଧାରା ର ଶବ୍ଦ ସଂରଚନାରୁ ଏହା ସ୍ପଷ୍ଟ ହେବ ଯେ କ୍ଷତିପୂରଣ ସେହି କ୍ଷେତ୍ରରେ ପ୍ରଦାନ କରାଯିବ , ଯେଉଁଠାରେ ଜଣେ କର୍ମଚାରୀ ତାଙ୍କ କାର୍ଯ୍ୟକ୍ଷେତ୍ରରେ ନିୟୋଜିତ ଥିବା ବେଳେ ଦୁର୍ଘଟଣା ଘଟି ଆଘାତ ପ୍ରାପ୍ତ ହୋଇଥିବ । ଧାରା 3 ର ପ୍ରାବଧାନଗୁଡିକୁ ଲାଗୁ କରିବା ପାଇଁ ଏକ ଦୁର୍ଘଟଣା ଘଟିବା ଆବଶ୍ୟକ ଏବଂ ଏପରି ଦୁର୍ଘଟଣା, କର୍ମଚାରୀ ତାଙ୍କ କାର୍ଯ୍ୟକ୍ଷେତ୍ରରେ ନିୟୋଜିତ ଥିବା ବେଳେ ଘଟିବା ଆବଶ୍ୟକ । ଏଠାରେ ଉପରେ ଦର୍ଶାଯାଇଥିବା ପରି, ବର୍ତ୍ତମାନର ମାମଲାରେ, ଦୁର୍ଘଟଣା ଏବଂ ଶ୍ରମିକଙ୍କ ମୃତ୍ୟୁ ମଧ୍ୟରେ କୌଣସି ସମ୍ପର୍କ ନାହିଁ କାରଣ ଦୁର୍ଘଟଣା ତାଙ୍କ ମୃତ୍ୟୁର ଛଅ ମାସ ପୂର୍ବରୁ ଘଟିଥିଲା ।

10. ଏଭଳି ପରିସ୍ଥିତିରେ, ଆମେ ଉଚ୍ଚ ନ୍ୟାୟାଳଙ୍କରର ଆଦେଶକୁ ବଜାୟ ରଖିବାରେ ଅସମର୍ଥ ଏବଂ ଏଠାରେ ଆବେଦନକାରୀଙ୍କ ସମ୍ବନ୍ଧୀୟ ଅନୁଧ୍ୟାନଗୁଡିକ ଯେ ପର୍ଯ୍ୟନ୍ତ ଜଡ଼ିତ ସେହି କ୍ଷେତ୍ରରେ ଏହାକୁ ବାତିଲ କରିବା ବ୍ୟତୀତ ଆମ ପାଖରେ କୌଣସି ବିକଳ୍ପ ନାହିଁ ।

11. ତେଣୁ ଏହି ଆବେଦନ ସଫଳ ହୋଇଛି । କର୍ମଚାରୀମାନଙ୍କ କ୍ଷତିପୂରଣ ଆୟୁକ୍ତଙ୍କ ଦ୍ୱାରା ପାରିତ ଦେୟ ପ୍ରଦାନ କରିବା ନିମିତ୍ତ ଅଧିନିର୍ଣ୍ଣୟ, ସମ୍ବନ୍ଧରେ ଏଠାରେ ଆବେଦନକାରୀଙ୍କ ଦାୟିତ୍ୱ ସମ୍ବନ୍ଧରେ ଆକ୍ଷେପିତ ରାୟରେ ଦିଆଯାଇଥିବା ଅନୁଧ୍ୟାନକୁ ରଦ୍ଦ କରିଦିଆଯାଏ । ରାୟର ଅନ୍ୟ ଅଂଶକୁ କାଏମ ରଖାଗଲା । ଆବେଦନକୁ ଅନୁମତି ଦିଆଗଲା ।

12. ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

13. ଏହି ଆଦେଶ, ମୃତ କର୍ମଚାରୀଙ୍କଙ୍କ ଉତ୍ତରାଧିକାରୀମାନଙ୍କୁ  ସେମାନଙ୍କ ପାଇଁ ଉପଲବ୍ଧ ଥିବା ଅନ୍ୟ କୌଣସି ଆଇନଗତ ପ୍ରତିକାରରୁ ନିବୃତ୍ତ କରିବ ନାହିଁ ।

ଆର୍. ପି.                                    ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।